# Akashvani, Sambalpur

## SAMBALPURI NEWS MORNING BULLETIN

## 14 February 2026 - 6.47- 6.52 am.

---

ତୋଷାଳି ସ୍ୱଦେଶୀ ମେଳା            ଆଇ.ଆଣ୍ଡ୍.ପି.ଆର

ଭୁବନେଶ୍ୱର ଜନତା ମଇଦାନ ନ ଆଏଜ୍‌ଠାନୁ ୨୦ନମ୍ବର ଭବ୍ୟ ତୋଷାଳି ସ୍ୱଦେଶୀ ମେଳା ମୁଲ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଞ୍ଜବେଲର୍ ୭ ବଜେ ମେଳାକେ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ହସ୍ତତନ୍ତ ଆଉ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଭିଲ୍ ଉପସ୍ଥିତ୍ ରହେବେ । ଫେବୃୟାରୀ ୨୬ ତାରିଖ୍‌ତକ୍ ହେବାର୍‌କେ ଥିବା ମେଳାଥି ରାଜ୍ୟ ଆଉ ରାଜ୍ୟ ବାହାର୍ ଭିନ୍ ଭିନ୍ ଗୋଷ୍ଠୀ ତର୍‌ଫୁ ହାତ୍ ତିଆର୍ ଦରବ୍‌ର ପ୍ରଦର୍ଶନ୍ କରାଯିବାର୍ ସହେତେ ବିକ୍ରି କରାଯିବା ।

ଇ-ଲୋକଭବନ୍ ଓଡ଼ିଶା ଆପ୍        ଆଇ.ଆଣ୍ଡ୍.ପି.ଆର୍

ଲୋକ୍‌ଭବନ୍ ଲାଗି ସ୍ୱୟଂଚାଳିତ ସାକ୍ଷାତ୍ ବ୍ୟବସ୍ଥା ଇ-ଲୋକଭବନ୍ ଓଡ଼ିଶା ଆପ୍‌କେ ଗଲାକାଏଲ୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶୁଭାରମ୍ଭ କରିଛନ୍ । ରାଜ୍ୟପାଲ୍‌ଙ୍କର୍ ସଚିବାଳୟ ସଙ୍ଗେ ନାଗରିକ୍‌ମାନ୍‌କର୍ ସମ୍ପର୍କ ସୁଗମ୍ କର୍‌ବାର୍ ଲାଗି ଡିଜାଇନ୍ କରାଯାଇଥିବା ଇ ଆପ୍ ଗୁଟେ ସୁରକ୍ଷିତ୍ ୱେବ୍ ଆଧାରିତ୍ ପ୍ଲାଟ୍‌ଫର୍ମ ଆଏ । ଇତାର୍ ଜରିଏ ସାକ୍ଷାତ୍ ଲାଗି ଅନ୍‌ଲାଇନ୍ ବୁକିଂ, ପ୍ରକୃତ୍ ସମିଆର୍ ଥିତି ଅନୁସନ୍ଧାନ୍, ୱାଟ୍‌ସ୍‌ଆପ୍ ଆଉ ଏସ୍‌ଏମ୍‌ଏସ୍ ଆଲର୍ଟ, ଡିଜିଟାଲ୍ କ୍ୟୁଆର୍ ଆଧାରିତ୍ ଇ-ଗେଟ୍ ପାସ୍ ଆଉ ସୁରକ୍ଷିତ୍ ପ୍ରବେଶ୍ ଯାଂଚ୍ ପ୍ରକ୍ରିୟା ସମ୍ଭବ୍ ହେବା । ଇ ପଦକ୍ଷେପ୍ ନେବାର୍‌ଥି ଓଡ଼ିଶା ଦେଶର୍ ପହେଲା ରାଜ୍ୟ ହେଇଛେ ।

ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଧେୟକ/ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍ ନ ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଧେୟକ -୨୦୨୬ ପାରିତ୍ ହେଇଯାଇଛେ । ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ ଉତ୍‌ରୁ ଇ ବିଲ୍

ଆଇନ୍‌ଥି ବଦ୍‌ଲିବା । ଇ ବିଲ୍‌ଥି ଶ୍ରମିକ୍‌ମାନ୍‌କୁ ସର୍ବନିମ୍ନ ମଜୁରୀ ଦେବାର୍ ସହେତେ ଗୁଟେ ଧାରିଜ୍ ସର୍ବନିମ୍ନ ମଜୁରୀ କମ୍ କର୍‌ବାର୍‌କେ ରାଜ୍ୟମାନ୍‌କୁ ଅନୁମତି ନାଇଁ ଦେବାର୍ ବାଗିର୍ ବ୍ୟବସ୍ଥା କରାଯାଇଛେ । ଶିଳ୍ପ ସମ୍ପର୍କ ସଂହିତା -୨୦୨୦ ଥି କେତେ ସଂଶୋଧନ୍ କରାଯାଇକରି ଇ ବିଧେୟକ୍‌ଥି ଟ୍ରେଡ୍ ୟୁନିୟନ୍ ଆଇନ୍-୧୯୨୬ ଶିଳ୍ପ ନିଯୁକ୍ତି ଅଧିନିୟମ୍-୧୯୪୬ ଆଉ ଶିଳ୍ପ ବିବାଦ ଅଧିନିୟମ୍-୧୯୪୭ ଜାଗା ନ ନୂଆଁ ସଂହିତା-୨୦୨୦ ଲାଗୁ କରାଯାଇଛେ ।

ମୁଖ୍ୟ ଶାସନ୍ ସଚିବ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଲାକାଏଲ୍ ପାରାଦ୍ୱୀପ୍ ବନ୍ଦର୍ ପରିଦର୍ଶନ୍ କରିକରି ବନ୍ଦର୍‌ର କାମ୍‌କାଜ୍ ଆଉ ଦୀର୍ଘକାଳୀନ୍ ସମ୍ପ୍ରସାରଣ୍ ଯୋଜ୍‌ନାର୍ ଅନୁଧ୍ୟାନ୍ କରିଛନ୍ । ପାରାଦ୍ୱୀପ୍ ବନ୍ଦର୍‌ର ରେକର୍ଡ୍ ଅଭିବୃଦ୍ଧି ଆଉ ରଣନୈତିକ୍ ପଦକ୍ଷେପ୍ ଓଡ଼ିଶାର୍ ଆର୍ଥିକ୍

ବିକାଶ୍ ଲକ୍ଷ୍ୟ ଦିଗେ ଉଲ୍ଲେଖନୀୟ ଭୂମିକା ପ୍ରଦର୍ଶନ୍ କରୁଛେ ବଲି ଇ ଅବ୍‌ସରେ ମୁଖ୍ୟ ଶାସନ୍ ସଚିବ କହିଛନ୍ ।

ସମ୍ବଲପୁର -ସୁଭଦ୍ରା ଶକ୍ତିମେଳା          ଆର୍‌ଏନ୍‌ୟୁ/ ସମ୍ବଲପୁର

ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା -୨୦୨୬ ଗଲାକାଏଲ୍ ଠାନୁ ସମ୍ବଲ୍‌ପୁର୍ ଅଇଁଠାପାଲି ବିର୍ସାମୁଣ୍ଡା ପଡ଼ିଆ ନ ମୁଲ୍ ହେଇଛେ । ଇ ଅବ୍‌ସରେ କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍ ଆଉ ମସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ତର୍‌ଫୁ କୃଷି ଯନ୍ତ୍ରପାତି ଆଉ ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ଭିଲ୍ ମୁଲ୍ ହେଇଛେ ।  ୭ ଦିନିଆ ମେଳାଥି ଜିଲ୍ଲାର୍ ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଉଦ୍ୟୋଗୀ, କାରିଗର୍ ଆଉ ଉତ୍ପାଦକମାନେ ତାଙ୍କର୍ ତିଆରି ଦରବ୍‌ର ପ୍ରଦର୍ଶନ୍ ସହେତେ ବିକ୍ରି  କରୁଛନ୍ ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍ର ପ୍ରଭାବ୍ କମିଛେ । ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଞ୍ଜାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।